# NATIONAL NEWS BULLETIN (ODIA)
## 1st Autust - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ସ୍ୱାମୀ ବିବେକାନନ୍ଦ ଭାରତର ଆତ୍ମାକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିଥିଲେ ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ରାଜ୍ୟଗୁଡ଼ିକୁ ୧ ଲକ୍ଷ ୯ ହଜାର କୋଟି ଟଙ୍କା ଟିକସ ରାଜସ୍ୱ ସଂଗ୍ରହର ଅତିରିକ୍ତ କିସ୍ତି ବାବଦରେ ପ୍ରଦାନ କଲେ କେନ୍ଦ୍ର ସରକାର ।
- ଭାରତ-ଚୀନ ମଧ୍ୟରେ ପୁନଃ ଆରମ୍ଭ ହୋଇଛି ଦ୍ୱିପାକ୍ଷିକ ସୀମାପାର ବାଣିଜ୍ୟ କାରବାର ।
- ଲୋକମାନ୍ୟ ତିଲକ ଜାତୀୟ ସମ୍ମାନ ପାଇଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ।

ଏବଂ

- ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ୩୦କୁ ବୃଦ୍ଧି ପାଇଲା ଭାରତର ପଦକ ସଂଖ୍ୟା ।

## ପି.ଏମ୍. - ସ୍ୱାମୀ ବିବେକାନନ୍ଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ସ୍ୱାମୀ ବିବେକାନନ୍ଦ ଭାରତର ଆତ୍ମାକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିଥିଲେ । ତାଙ୍କରି ପ୍ରଦର୍ଶିତ ମାର୍ଗ ଅନୁସରଣ କରି ଦେଶର ଯୁବପିଢ଼ି ଅଭିବୃଦ୍ଧି କ୍ଷେତ୍ରରେ ଗତିଶୀଳ ହୋଇପାରିବେ ବୋଲି ଶ୍ରୀ ମୋଦି ଆଶାବ୍ୟକ୍ତ କରିଛନ୍ତି । ମହୀଶୂରର ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ୍ ଯୁବକେନ୍ଦ୍ର 'ବିବେକ ସ୍ମାରକ'କୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମୋଦି ଏହା କହିଛନ୍ତି ।

***Voice (PM)*** :......

ଶ୍ରୀ ମୋଦି କହିଛନ୍ତି, ଏହି ସ୍ମୃତିସ୍ତମ୍ଭ ସ୍ୱାମୀ ବିବେକାନନ୍ଦଙ୍କର ୧୮୯୨ ମସିହାର ମହୀଶୂର ଗସ୍ତ ଏବଂ ମହୀଶୂର ଦେଓ୍ୱାନ ସାର୍ କେ. ଶେଷାଦ୍ରୀ ଆୟାର୍‌ଙ୍କୁ ଭେଟି ମହୀଶୂର ମହାରାଜ ଶ୍ରୀ ଚମରାଜେନ୍ଦ୍ର ଓ୍ୱାଦିୟାର୍‌ଙ୍କଠାରୁ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ଚିକାଗୋ ଧର୍ମସମ୍ମିଳନୀରେ ଯୋଗଦେବା ନିମନ୍ତେ ଅର୍ଥ ସହାୟତାର ନିଦର୍ଶନ । ପ୍ରଧାନମନ୍ତ୍ରୀ ବିବେକ ସ୍ମାରକୀଠାରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଐତିହାସିକ ସ୍ଥଳରେ ଯୋଗସାଧନା କରିବା ସହ ଚାରାରୋପଣ କରିଛନ୍ତି ।

ଆନ୍ଧ୍ର ପ୍ରଦେଶ ଏବଂ କର୍ଣ୍ଣାଟକକୁ ଆଜି ଦିନିକିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ପ୍ରଥମେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲାର ଭୋଗପୁରମ୍‌ଠାରେ ଆଲୁରି ସୀତାରାମ ରାଜୁ ଆନ୍ତର୍ଜାତିକ ବିମାନ ବନ୍ଦରର ଉଦ୍‌ଘାଟନ କରିଥିଲେ । ଏଥିସହ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ।

## ସେଣ୍ଟର-ଷ୍ଟେଟ୍ ଇନ୍‌ଷ୍ଟଲ୍‌ମେଣ୍ଟ

ଟିକସ ରାଜସ୍ୱ ସଂଗ୍ରହର ଅତିରିକ୍ତ କିସ୍ତି ଭାବରେ କେନ୍ଦ୍ର ସରକାର ଆଜି ବିଭିନ୍ନ ରାଜ୍ୟକୁ ୧ ଲକ୍ଷ ୯ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏକ ବିବୃତ୍ତିରେ ଅର୍ଥ ମନ୍ତ୍ରଣାଳୟ କହିଛି, ପ୍ରତି ମାସରେ ହସ୍ତାନ୍ତରିତ ହେଉଥିବା ଟିକସ ସଂଗ୍ରହ କିସ୍ତି ଉପରେ ଏହି ଅତିରିକ୍ତ ରାଶି ପ୍ରଦାନ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ବିକାଶ ଲକ୍ଷ୍ୟ ନେଇ ଏହି ଅର୍ଥ ରାଜ୍ୟଗୁଡ଼ିକପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ କହିଛି । ଉତ୍ତର ପ୍ରଦେଶକୁ ସର୍ବାଧିକ ୧୯ ହଜାର ୨୦୮ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ଓଡ଼ିଶାକୁ ୪ ହଜାର ୮୧୯ କୋଟି ଟଙ୍କା ଏବଂ ସିକ୍କିମ୍‌କୁ ସର୍ବନିମ୍ନ ୩୬୫ କୋଟି ଟଙ୍କା ଦିଆଯାଇଛି ।

# ଇଣ୍ଡିଆ-ଚୀନ ଟ୍ରେଡ୍

ଭାରତ-ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ସୀମାପାର ବାଣିଜ୍ୟ କାରବାର ଆଜି ପୂର୍ବାହ୍ନରୁ ପୁନଃ ଆରମ୍ଭ ହୋଇଛି । ସିକ୍କିମ୍‌ର ନାଥୁଲା ଗିରିପଥ ଦେଇ ଏହି କାରବାର ଜାରି ରହିଛି । ଗତ ୬ ବର୍ଷରୁ ଅଧିକ ସମୟ ଧରି ଏହା ବନ୍ଦ ରହିଥିଲା । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଏହା ଏକ ସକାରାତ୍ମକ ପଦକ୍ଷେପ ବୋଲି କୁହାଯାଇଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଉଭୟ ଦେଶର ଅଧିକାରୀ ଆଜି ପୂର୍ବାହ୍ନରେ 'ନୋ ମ୍ୟାନ୍ସ ଲ୍ୟାଣ୍ଡ' ଅଞ୍ଚଳରେ ପରସ୍ପର ସହ ସାକ୍ଷାତ୍ ଆଲୋଚନା କରିଥିଲେ । ୧୯୬୨ ମସିହାରେ ଭାରତ-ଚୀନ ବିବାଦ ପରଠାରୁ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବନ୍ଦ ରହିଥିଲେ ମଧ୍ୟ ୨୦୦୬ ମସିହାରେ ଏହାକୁ ଆନୁଷ୍ଠାନିକ ଭାବେ ପୁନଃ କାର୍ଯ୍ୟକ୍ଷମ କରାଯାଇଥିଲା । ତେବେ କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ୨୦୨୦ ମସିହାରେ ଏହା ବନ୍ଦ ରହିଥିଲା । ଅଧିକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାରରୁ ଗୁରୁବାର ପର୍ଯ୍ୟନ୍ତ ଏହି ସୀମା ବାଣିଜ୍ୟ କାରବାର ଜାରି ରହିବ । ପ୍ରତ୍ୟେକ ପଞ୍ଜିକୃତ ବ୍ୟବସାୟୀଙ୍କୁ ଦୈନିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଣିଜ୍ୟ କାରବାର କରିବାକୁ ଅନୁମତି ପ୍ରଦାନ କରାଯିବା ସମ୍ପର୍କରେ ସୂଚନା ଦିଆଯାଇଛି ।

# ପି.ଏମ୍. - ନଶାମୁକ୍ତ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଆଭାସୀ ମାଧ୍ୟମରେ ବିକଶିତ ଭାରତ ସଙ୍କଳ୍ପ ଅଭିଯାନ ଅନ୍ତର୍ଗତ ନିଶାମୁକ୍ତ ଯୁବା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଏହି ଅଭିଯାନ ଅଧୀନରେ ନିଶାର କୁପରିଣାମ ବିରୋଧରେ ୧୦୦ ସପ୍ତାହ ବ୍ୟାପୀ ଜାତୀୟ ଜନଭାଗିଦାରୀ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମଗୁଡ଼ିକରେ ମାଇଁ ଭାରତ ସ୍ୱେଚ୍ଛାସେବୀ, ମାଇଁ ଭାରତ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଯୁବକସଂଘର ପ୍ରତିନିଧିଙ୍କ ସମେତ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ୧୨୫ରୁ ଊର୍ଦ୍ଧ୍ୱ ଧାର୍ମିକ ସଙ୍ଗଠନର କର୍ମକର୍ତ୍ତା ଯୋଗଦେବେ । ନିଶାମୁକ୍ତି ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଏହି ଅଭିଯାନ ମାଧ୍ୟମରେ ପ୍ରତି ରିବିବାର ସାପ୍ତାହିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ।

# ଅଜିତ୍ ଡୋଭାଲ୍ - ନ୍ୟାସନାଲ ଆୱାର୍ଡ଼

ମହାନ୍ ସଂଗ୍ରାମୀ ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କ ୧୦୬ତମ ପୁଣ୍ୟତିଥି ଅବସରରେ ଦେଶବାସୀ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ

କରିଛନ୍ତି । "ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର ଏବଂ ଏହାକୁ ମୁଁ ନିଶ୍ଚୟ ହାସଲ କରିବି" ସ୍ୱର୍ଗତ ତିଳକଙ୍କ ଏହି ବାର୍ତ୍ତା ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ  ପ୍ରେରଣା ପ୍ରଦାନ କରିଥିଲା । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ପୁଣେଠାରେ ଏକ ସ୍ୱତନ୍ତ୍ର  କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯୋଗଦେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କୁ 'ଲୋକମାନ୍ୟ ତିଳକ ଜାତୀୟ ସମ୍ମାନ-୨୦୨୬'ରେ ସମ୍ମାନିତ କରିଛନ୍ତି । ସମବେତ ଜନତାଙ୍କୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି, ଜାତୀୟ ସୁରକ୍ଷା କ୍ଷେତ୍ରରେ ଶ୍ରୀ ଡୋଭାଲ୍‌ଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରରେ ଶ୍ରୀ ଡୋଭାଲ୍‌ଙ୍କର ବିଭିନ୍ନ ପ୍ରମୁଖ ଜାତୀୟ ସୁରକ୍ଷା କ୍ଷେତ୍ରରେ ନିଷ୍ପତ୍ତି ଦେଶର ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଜାତି ଉଦ୍ଦେଶ୍ୟରେ ଶ୍ରୀ ଡୋଭାଲ୍‌ଙ୍କର ଅଭୂତପୂର୍ବ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

ସମ୍ମାନ ଗ୍ରହଣ କରିବା ଅବସରରେ ଶ୍ରୀ ଡୋଭାଲ୍' ଲୋକମାନ୍ୟ ତିଳକଙ୍କର ନୀତି, ଆଦର୍ଶ, ଦେଶପ୍ରେମ, ତ୍ୟାଗ ଏବଂ କର୍ତ୍ତବ୍ୟପରାୟଣତା ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶ ଶକ୍ତିଶାଳୀ ଏବଂ ସୁଦୃଢ଼ ହୋଇପାରିଛି ।

## ଶାହା - ଏଫ୍.ଡି.ଆର୍.ଏଫ୍

ଚଳିତ ଆର୍ଥିକ ବର୍ଷପାଇଁ ବନ୍ୟା ପ୍ରଭାବିତ ରଜ୍ୟଗୁଡ଼ିକୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ୨ ହଜାର ୧୧୭ କୋଟି ୮୫ ଲକ୍ଷ ଟଙ୍କାର ଆଗୁଆ ଅର୍ଥରାଶି ପ୍ରଦାନ କରାଯିବ । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ କେନ୍ଦ୍ରୀୟ ଅଂଶ ବାବଦରେ ଏହି ଅର୍ଥ ପ୍ରଦାନକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅନୁମୋଦନ କରିଛନ୍ତି । ପୂର୍ବରୁ ହିମାଚଳ ପ୍ରଦେଶ, ଓଡ଼ିଶା ଏବଂ ନାଗାଲାଣ୍ଡ ଏହାର ପ୍ରଥମ କିସ୍ତି ପାଇସାରିଛନ୍ତି । ଓଡ଼ିଶାକୁ ୫ ଶହ କୋଟି ଟଙ୍କାର ଦ୍ୱିତୀୟ କିସ୍ତି ମଧ୍ୟ ମଞ୍ଜୁର କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ମୌସୁମୀ ଆରମ୍ଭ ହେବା ପରଠାରୁ ରାଜ୍ୟ ସରକାରଙ୍କ ସହିତ ସମନ୍ୱୟ ରକ୍ଷା କରି କେନ୍ଦ୍ର ବନ୍ୟା ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି । କ୍ଷୟକ୍ଷତି ଆକଳନ କରିବାପାଇଁ ଆନ୍ତଃ ମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳ ଇତିମଧ୍ୟରେ ଅରୁଣାଚଳ ପ୍ରଦେଶ ଏବଂ ଆସାମ ଗସ୍ତ କରିଛନ୍ତି । ନାଗାଲାଣ୍ଡ ସରକାରଙ୍କ ଅନୁରୋଧ ସତ୍ତ୍ୱେ ସେଠାକୁ ମଧ୍ୟ କେନ୍ଦ୍ରୀୟ ଦଳ ଗସ୍ତ ନେଇ ପ୍ରସ୍ତୁତି ଜାରି ରହିଥିବା ମନ୍ତ୍ରଣାଳୟ କହିଛି ।

## ଇଟାଲୀ-ସ୍ପେନ୍ ଡେଥ୍

ମରକ୍କୋ ସୀମାବର୍ତ୍ତୀ ସିଉଟା ଅଞ୍ଚଳରେ ସୀମାପାର ପରିସ୍ଥିତିରେ ମୃତ୍ୟୁସଂଖ୍ୟା ୬୭ରେ ପହଞ୍ଚିଥିବା ସ୍ପେନ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ମରକ୍କୋରୁ ସ୍ପେନ୍ ସୀମା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିବାବେଳେ

ବୁଡ଼ିଯାଇ ଏବଂ ଦଳାଚକଟାରେ ଏହି ପ୍ରବାସୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସ୍ପେନ୍ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଉତ୍ତର ଆଫ୍ରିକୀୟ ସିଉଟା ଏନ୍‌କ୍ଲେଭ୍ ଏବଂ ପଡ଼ୋଶୀ ମରକ୍କୋ ମଧ୍ୟରେ ସମୁଦ୍ର ସୀମାରେ ୫ ଶହ ମିଟର ପର୍ଯ୍ୟନ୍ତ ଅବରୋଧ ଅଞ୍ଚଳ ଘୋଷଣା କରାଯାଇଛି । ଚଳିତ ସପ୍ତାହ ଆରମ୍ଭରେ ୫୦ ହଜାରରୁ ଅଧିକ ପ୍ରବାସୀ ସ୍ପେନ୍ ଅଞ୍ଚଳରେ ପ୍ରବେଶ କରିବା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ପେନ୍‌ର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ କହିଛି, ସିଉଟାରେ ପ୍ରବେଶ କରିଥିବା ଅଧିକାଂଶ ଲୋକ ପୂର୍ବରୁ ମରକ୍କୋ ଫେରି ଯାଇଛନ୍ତି । ତେବେ ସୀମାର ଉଭୟ ପାର୍ଶ୍ୱରେ ଶୃଙ୍ଖଳା ଫେରାଇ ଆଣିବା ଏବଂ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ପ୍ରୟାସ ଜାରି ରହିଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ଅନ୍ୟପକ୍ଷରେ ସ୍ପେନ୍‌ର ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ସିଉଟାରେ ଅହେତୁକ ପ୍ରବାସୀ ବୃଦ୍ଧି ନେଇ ଏକୀକୃତ ସମନ୍ୱୟ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ନେଇ ଜରୁରୀକାଳୀନ ବୈଠକ ଡକାଇବାକୁ ୟୁରୋପୀୟ ସଂଘକୁ ଅନୁରୋଧ କରିଛନ୍ତି ।

## ଭି.ପି. - କମନ୍‌ୱେଲ୍‌ଥ୍

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି । ଏଥିରେ ୮ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଏବଂ

୭ଟି କାଂସ୍ୟ ପଦକ ଆନ୍ତର୍ଭୁକ୍ତ । ପଦକ ତାଲିକାରେ ଭାରତ ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି ।

ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଯାଶ୍ମିନ୍ ଲାମ୍ବୋଡିଆ ଏବଂ ପ୍ରୀତି ପାୱାର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୫୪ କିଲୋଗ୍ରାମ୍ ମହିଳା ବର୍ଗରେ ପ୍ରୀତି ତାଙ୍କ କାନାଡ଼ା ପ୍ରତିଦ୍ୱନ୍ଦ୍ୱୀଙ୍କୁ ୫-୦ ପଏଣ୍ଟରେ ପରାସ୍ତ କରିଥିବାବେଳେ ୫୭ କିଲୋଗ୍ରାମ୍ ମହିଳା ବର୍ଗରେ ଯାଶ୍ମିନ୍ ଉତ୍ତର ଆୟାର୍ଲାଣ୍ଡ ଖେଳାଳୀଙ୍କୁ ସମାନ ପଏଣ୍ଟ ବ୍ୟବଧାନରେ ହରାଇଛନ୍ତି ।

ପାରା ଆଥ୍‌ଲେଟିକ୍ସ ବର୍ଗରେ ପୁରୁଷ ସଟ୍‌ପୁଟ୍ ଏଫ୍-୫୭ ବର୍ଗରେ ସୁମନ ରାଣା ସ୍ୱର୍ଣ୍ଣ ଏବଂ ଶୁଭମ୍ ଜୁଆଲ୍ ରୌପ୍ୟ ପଦକ ପାଇଛନ୍ତି । ଟ୍ରିପୁଲ୍ ଜମ୍ପ୍ ପ୍ରତିଯୋଗିତାରେ ପ୍ରବୀଣ ଚିତ୍ରାଭେଲ୍ ରୌପ୍ୟ ଏବଂ ସେଲ୍‌ଭା ପ୍ରଭୁ କାଂସ୍ୟ ପଦକ ପାଇଛନ୍ତି । ଜୁଡ଼ୋ ପ୍ରତିଯୋଗିତାରେ ଉନ୍ନତୀ ଶର୍ମା ମହିଳା ୬୩ କିଲୋଗ୍ରାମ ବର୍ଗରେ ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।

ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଭାରତୀୟ ଖେଳାଳୀ ପ୍ରୀତି ପାୱାର ଏବଂ ଯାଶ୍ମିନ ଲାମ୍ବୋଡ଼ିଆଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ବିଭିନ୍ନ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ଭାରତର ସମସ୍ତ ଖେଳାଳିଙ୍କୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ କ୍ରୀଡ଼ାମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି ।

*****